ଆମ ଜଙ୍ଗଲ ଯୋଜନା

# ଦର୍ପଣ

ତ୍ରୈମାସିକ ସମ୍ବାଦ ପତ୍ରିକା | ଏପ୍ରିଲ-ଜୁନ୍, ୨୦୨୪ | ଅଷ୍ଟମ ବର୍ଷ ▪ ସଂକଳନ ସଂଖ୍ୟା-୧

## ସୂଚୀପତ୍ର


- ପ୍ରକଳ୍ପ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନାର ସମୁଦାୟ ସଫଳତା (ପ୍ରଚ୍ଛଦ କାହାଣୀ)
- ସଫଳ କାହାଣୀ
- ଜଙ୍ଗଲ ନିଆଁ ନିବାରଣ ଓ ନିୟନ୍ତ୍ରଣ ପାଇଁ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ


## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ

ଆମ ଜଙ୍ଗଲ ଯୋଜନା ଏହାର ସମ୍ପ୍ରସାରିତ ଅବଧିର ଶେଷ ବର୍ଷରେ ଉପନୀତ ହୋଇ ଓଡ଼ିଶାର ୨୨ଗୋଟି ବନ ଓ ବନ୍ୟପ୍ରାଣୀ ବନଖଣ୍ଡରେ କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନା ମାଧ୍ୟମରେ ଜଙ୍ଗଲ ସୁରକ୍ଷା, ଜୀବିକା ବିକାଶ, ଆୟ ବୃଦ୍ଧି ଏବଂ ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ସମୁଦାୟଙ୍କୁ ସହାୟତା ଇତ୍ୟାଦି ଉପାଦାନକୁ ଅନ୍ତର୍ଭୁକ୍ତ କରାଯାଇ ସାମଗ୍ରିକ ଗୋଷ୍ଠୀ ବିକାଶର ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପର କାର୍ଯ୍ୟକ୍ରମସବୁ ଯୁଗ୍ମ ଜଙ୍ଗଲ ପରିଚାଳନା ନୀତିକୁ ଅନୁସରଣ କରେ ଏବଂ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମୟରେ ସମସ୍ତ ଅଂଶୀଦାରଙ୍କ ଅଂଶଗ୍ରହଣକୁ ଯଥାର୍ଥ ଭାବରେ ସୁନିଶ୍ଚିତ କରେ ।

ରାଜ୍ୟର ୪୬୦୧ଟି ଗ୍ରାମ ଅନ୍ତର୍ଗତ ଅନ୍ୟୁନ ୪.୨ ଲକ୍ଷ ପରିବାର ଓ ୧୪,୨୬୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଯୋଜନା ମାଧ୍ୟମରେ ସିଧାସଳଖ ଉପକୃତ ହୋଇଛନ୍ତି । ଏହି ପ୍ରକଳ୍ପର କାର୍ଯ୍ୟକ୍ରମ ଗୁଡିକର ପ୍ରଭାବ ସୁଦୂରପ୍ରସାରୀ ଏବଂ ଅତ୍ୟନ୍ତ ପ୍ରେରଣାଦାୟକ ଅଟେ । ରାଜ୍ୟର ଦୁର୍ଗମ ଏବଂ ଅପହଞ୍ଚ ଅଞ୍ଚଳରେ ପହଞ୍ଚିପାରିଥିବା ପ୍ରକଳ୍ପ ମଧ୍ୟରୁ ଆମ ଜଙ୍ଗଲ ଯୋଜନା ଅନ୍ୟତମ ।


ଦୀର୍ଘ ଦିନ ଧରି ଲଗାତର ଶୁଖିଲା ପାଗ ଏବଂ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଜଙ୍ଗଲ ଅଞ୍ଚଳକୁ ବନାଗ୍ନି କବଳରୁ ରକ୍ଷା କରିବା ପାଇଁ ଚଳିତ ତ୍ରୈମାସ (ଏପ୍ରିଲ-ଜୁନ୍, ୨୦୨୪) ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା । ପ୍ରକଳ୍ପର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ସହିତ ଚଳିତ ତ୍ରୈମାସରେ ବନାଗ୍ନି ନିବାରଣ ଏବଂ ନିୟନ୍ତ୍ରଣ ନିମନ୍ତେ ଗୋଷ୍ଠୀ ସଚେତନତା ସୃଷ୍ଟି ପାଇଁ ସ୍ୱତନ୍ତ୍ର ଅଭିଯାନ ହୋଇଛି । ଫଳରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଓ ଘନ ଘନ ବନାଗ୍ନି ଘଟଣା ସତ୍ତ୍ୱେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହେଉଥିବା ଜଙ୍ଗଲ ଅଞ୍ଚଳରେ ଅଗ୍ନିକାଣ୍ଡର କୌଣସି ଘଟଣା ପ୍ରାୟତଃ ଦେଖିବାକୁ ମିଳିନାହିଁ ।

ଜୀବିକା ବିକାଶ କାର୍ଯ୍ୟକ୍ରମ ଜଙ୍ଗଲ ସୀମାନ୍ତ ସମୁଦାୟଙ୍କ ପାରିବାରିକ ଆୟ ଉପରେ ଅଧିକ ପ୍ରଭାବ ପକାଇଥାଏ । ଯଦିଓ ଏହି ପ୍ରକଳ୍ପ ପରିସର ମଧ୍ୟରେ ଜୀବିକା ବିକାଶ କାର୍ଯ୍ୟକ୍ରମର ପ୍ରୋତ୍ସାହନ ପାଇଁ ସିଧାସଳଖ ଆର୍ଥିକ ସହାୟତା ନାହିଁ, ତଥାପି ଆନ୍ତଃ-ବିଭାଗୀୟ ସମନ୍ୱୟ ମାଧ୍ୟମରେ ଅନ୍ୟାନ୍ୟ ସରକାରୀ ବିଭାଗ ଏବଂ ସଂସ୍ଥା ମାନଙ୍କଠାରୁ ପାଣ୍ଠି ସଂଗ୍ରହ କରି ଏହି କାର୍ଯ୍ୟ ସମ୍ପାଦନ କରାଯାଉଛି । ଆମ ଜଙ୍ଗଲ ଯୋଜନା ପ୍ରକଳ୍ପର କର୍ମଚାରୀ ଏବଂ ପ୍ରକଳ୍ପ ଦଳ ସଦସ୍ୟଙ୍କ ଦୃଢ଼ ସଂପୃକ୍ତି ଏବଂ ପ୍ରତିବଦ୍ଧତା ଯୋଗୁଁ ଏହା ସମ୍ଭବ ହୋଇପାରିଛି ।

ଆମ ଜଙ୍ଗଲ ଯୋଜନା ଦର୍ପଣର ଚଳିତ ସଂଖ୍ୟାରେ ୨୦୨୪ ମସିହା ଜୁନ୍ ମାସ ସୁଦ୍ଧା ସମ୍ପନ୍ନ ହୋଇଥିବା କାର୍ଯ୍ୟକ୍ରମ ଏବଂ ଘଟଣାଗୁଡ଼ିକର ଏକ ସଂକ୍ଷିପ୍ତ ବିବରଣୀ ସମସ୍ତ ଅଂଶୀଦାରଙ୍କ ଅବଗତି ନିମନ୍ତେ ଉଲ୍ଲେଖ କରାଯାଇଛି । ଏହା ବ୍ୟତୀତ, ଏହି ସଂଖ୍ୟାରେ ବନ ସୁରକ୍ଷା ସମିତି ଗୁଡିକର ଉଦାହରଣଯୋଗ୍ୟ ପ୍ରୟାସଗୁଡିକୁ ସଫଳ କାହାଣୀ ଭାବରେ ବର୍ଣ୍ଣନା କରାଯାଇଛି । ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ସମସ୍ତ ବନଖଣ୍ଡ ସେମାନଙ୍କର ଅଭିନବ କାର୍ଯ୍ୟସବୁ ଭବିଷ୍ୟତରେ ଜାରି ରଖିବେ ବୋଲି ଆଶା କରୁଛି ।

**ଡଃ. ମୀତା ବିଶ୍ୱାଳ,** ଭାରତୀୟ ବନ ସେବା
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଓ ପ୍ରକଳ୍ପ ନିର୍ଦ୍ଦେଶିକା
ଓଡିଶା ବନାଞ୍ଚଳ ଉନ୍ନୟନ ସମିତି

*"What we are doing to the forests of the world is but a mirror reflection of what we are doing to ourselves and to one another"*



## ପ୍ରକଳ୍ପ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନାର ସମୁଦାୟ ସଫଳତା

୨୦୨୪-୨୫ ଆର୍ଥିକ ବର୍ଷରେ ଆମ ଜଙ୍ଗଲ ଯୋଜନା ଓଡିଶାର ୨୨ଗୋଟି ବନଖଣ୍ଡ ଅନ୍ତର୍ଗତ ୧୪୨୪ଟି ବନ ସୁରକ୍ଷା ସମିତିରେ କାର୍ଯ୍ୟକାରୀ ହେଉ ଅଛି, ଯେଉଁଥିରେ ୧୯,୯୭୫ ହେକ୍ଟର ପରିମିତ ଜଙ୍ଗଲ ଜମିରେ ବୃକ୍ଷ ରୋପଣ ସହିତ ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ୪୯,୮୧୨ ହେକ୍ଟର ପରିମିତ ଜଙ୍ଗଲ ଜମିରେ ବୃକ୍ଷରୋପଣ ବିନା ଜଙ୍ଗଲର ପ୍ରାକୃତିକ ପୁନର୍ଜ୍ଜନନ କାର୍ଯ୍ୟର ରକ୍ଷଣାବେକ୍ଷଣ କରାଯାଉଅଛି । ଏହା ବ୍ୟତୀତ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ବନ ସୁରକ୍ଷା ସମିତିରେ ଗୋଷ୍ଠୀ ସଂଚାଳନ ଏବଂ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ମଧ୍ୟ କରାଯାଉଅଛି ।

୨୦୨୪ ମସିହା ଜୁନ୍ ମାସ ସୁଦ୍ଧା ମୋଟ ୪୬୦୧ ସଂଖ୍ୟକ ବନ ସୁରକ୍ଷା ସମିତିକୁ ଏହି ପ୍ରକଳ୍ପର ଅନ୍ତର୍ଭୁକ୍ତ କରାଯାଇଅଛି । ଏହାବ୍ୟତୀତ ୧୪,୨୬୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ବିଭିନ୍ନ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ (IGA) ନିମନ୍ତେ ବିଭିନ୍ନ ସରକାରୀ ବିଭାଗ ସହିତ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ସଂଯୋଗ କରାଯାଇଛି । ଉକ୍ତ ପ୍ରକଳ୍ପ ଅଧୀନରେ ୨୦୨୪ ମସିହା ଜୁନ୍ ମାସ ସୁଦ୍ଧା ମୋଟ ୨,୦୯,୫୪୩ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳରେ ବୃକ୍ଷରୋପଣ ବିନା ସହାୟକ ପ୍ରାକୃତିକ ପୁନର୍ଜ୍ଜନନ କରାଯାଇଥିବା ବେଳେ ୧୯,୯୭୫ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳରେ ବୃକ୍ଷରୋପଣ ସହିତ ଜଙ୍ଗଲର ପ୍ରାକୃତିକ ପୁନର୍ଜ୍ଜନନ କରାଯାଇଛି । ଏହା ବ୍ୟତୀତ ୧୦୦୫ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳରେ ୧୨ ଗୋଟି ବନଖଣ୍ଡରେ ଏକଚକଡି ବୃକ୍ଷରୋପଣ (Block Plantation) କରାଯାଇଛି । ତେଣୁ ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟକ୍ରମ ଅଧୀନରେ ସର୍ବମୋଟ ୨,୩୦,୫୨୩ ହେକ୍ଟର ପରିମିତ ଉଜୁଡା ଜଙ୍ଗଲର ପୁନରୁଦ୍ଧାର କରାଯାଇଛି । ଏହାବ୍ୟତୀତ ପ୍ରକଳ୍ପ ଅନ୍ତର୍ଗତ ବନ ସୁରକ୍ଷା ସମିତି ଗୁଡିକର ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଏବଂ ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟକ୍ରମମାନ କରାଯାଇଅଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ବନାଗ୍ନିକୁ ବନ ସୁରକ୍ଷା ସମିତି ସଦସ୍ୟ ଏବଂ ପ୍ରକଳ୍ପ ଦଳର ତ୍ୱରିତ ପଦକ୍ଷେପ ଫଳରେ ସଂପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିଛି । ପ୍ରକଳ୍ପ ଅଞ୍ଚଳର ୧୪,୨୬୩ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରକଳ୍ପ କାର୍ଯ୍ୟକ୍ରମରେ ସାମିଲ କରାଯାଇ ଆନ୍ତଃ- ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ଆୟ ବୃଦ୍ଧି ତଥା ଜୀବିକା ବିକାଶ ପାଇଁ ସହାୟତା ପ୍ରଦାନ କରାଯାଇଅଛି । ଆମ ଜଙ୍ଗଲ ଯୋଜନା ପ୍ରକଳ୍ପର ଅବଧି ମଧ୍ୟରେ ମୋଟ ୯୧୭୧ ଗୋଟି ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ୨,୭୫,୧୧୭ ଜଣ ଗୋଷ୍ଠୀ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଏତଦ୍ ବ୍ୟତୀତ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଅଞ୍ଚଳରେ ୬୧୨ଟି ବନ ସୁରକ୍ଷା ସମିତି କୋଠାଘର ତଥା ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ସହାୟତା କେନ୍ଦ୍ର ନିର୍ମାଣ କରାଯାଇ ଗୋଷ୍ଠୀ ସମୁଦାୟଙ୍କୁ ବହୁବିଧ ବ୍ୟବହାର ନିମନ୍ତେ ହସ୍ତାନ୍ତର କରାଯାଇଛି ।

ପ୍ରକଳ୍ପ ଅବଧି ମଧ୍ୟରେ (୨୦୨୪ ମସିହା ଜୁନ୍ ମାସ ପର୍ଯ୍ୟନ୍ତ) ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଟିମ୍ ବିଭିନ୍ନ ସରକାରୀ ଯୋଜନାରେ ଅନ୍ୟାନ୍ୟ ବିଭାଗ ସହିତ ସମନ୍ୱୟ ମାଧ୍ୟମରେ ୧୦୨୨.୧୧ କୋଟି ଟଙ୍କା ସଂଗ୍ରହ କରିବାରେ ସକ୍ଷମ ହୋଇପାରିଛି, ଯାହାଦ୍ୱାରା ପ୍ରକଳ୍ପ ଅଞ୍ଚଳର ୩୧,୫୮,୮୨୦ ଜଣ ହିତାଧିକାରୀ ଉପକୃତ ହୋଇ ପାରିଛନ୍ତି । ଏହାସହିତ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଦଳ ଗୋଷ୍ଠୀ ଭିତ୍ତିଭୂମି ବିକାଶ ସହ ଜଡିତ ଅନେକ କାର୍ଯ୍ୟ, ଯଥା- ୬୧୨ଗୋଟି ବନ ସୁରକ୍ଷା ସମିତି କୋଠାଘର ତଥା ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ସହାୟତା କେନ୍ଦ୍ର ନିର୍ମାଣ ଏବଂ ସ୍ଥାନୀୟ ସମୁଦାୟଙ୍କ ଜୀବିକା ବିକାଶ କାର୍ଯ୍ୟ ସମ୍ପାଦନ କରି ପାରିଛି ।

## ସଫଳ କାହାଣୀ

ଆମ ଜଙ୍ଗଲ ଯୋଜନାରେ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ସଫଳ କାହାଣୀ ସୃଷ୍ଟି ହୋଇପାରିଛି । ସେଥି ମଧ୍ୟରୁ ଅଧିକାଂଶ ଜୀବିକା ବିକାଶ ଏବଂ ଗୋଷ୍ଠୀ ଉନ୍ନୟନ ଭିତ୍ତିକ, ଯାହା ଆମର ସଫଳତାକୁ ପ୍ରଦର୍ଶନ କରେ । ବନ ସୁରକ୍ଷା ସମିତି ଦ୍ୱାରା ଜଙ୍ଗଲ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଅନେକ ଅସାଧାରଣ ସଫଳତାର ଉଦାହରଣ ମଧ୍ୟ ରହିଛି । ସେମାନଙ୍କ ମଧ୍ୟରୁ କେତେକ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ଗୋଷ୍ଠୀ ସମୁଦାୟର ସାମଗ୍ରିକ ବିକାଶ ପାଇଁ ମାଇଲ ଖୁଣ୍ଟ ଭାବରେ ବିବେଚନା କରାଯାଏ । ଏଭଳି କିଛି ପ୍ରୟାସକୁ ଏଠାରେ ପ୍ରଚାର ପ୍ରସାର ନିମନ୍ତେ ସ୍ଥାନିତ କରାଯାଇଛି ।

କାହାଣୀ- ୧

## ସଙ୍କଟରୁ ସୃଜନଶୀଳତା ପର୍ଯ୍ୟନ୍ତ; ଜଙ୍ଗଲ ପୁନର୍ଜନନ ଏବଂ ସାମାଜିକ-ଅର୍ଥନୈତିକ ସ୍ଥିରତାର ମାର୍ଗ

### କୋରାପୁଟ ବନଖଣ୍ଡ ଅନ୍ତର୍ଗତ ଖିଲାପୁଟ ବନ ସୁରକ୍ଷା ସମିତିର ଏକ ଉଦାହରଣଯୋଗ୍ୟ ସଫଳ କାହାଣୀ

ଏହି କାହାଣୀରେ ଏପରି ଏକ ଗାଁ ଉପରେ ଉଲ୍ଲେଖ କରାଯାଇଛି, ଯାହା ଏକଦା ପୋଡୁ ଚାଷ ଏବଂ ଦୈନନ୍ଦିନ ଆବଶ୍ୟକତା ପାଇଁ ଜାଳେଣୀ କାଠ ଉପରେ ଅତ୍ୟଧିକ ନିର୍ଭରଶୀଳତା କାରଣରୁ ଘୋର ଜଙ୍ଗଲ କ୍ଷୟର ସମ୍ମୁଖୀନ ହୋଇଥିଲା। ଅତ୍ୟଧିକ ଜଙ୍ଗଲ କ୍ଷୟ ଯୋଗୁଁ ଉଭୟ ପରିବେଶ ଓ ଗ୍ରାମବାସୀଙ୍କ ଜୀବିକା ପ୍ରତି ବିପଦ ସୃଷ୍ଟି ହେବା ସହିତ ସମ୍ବଳର ଉତ୍ସ ହ୍ରାସ ପାଇବା ସେମାନଙ୍କ ଦୈନନ୍ଦିନ ଜୀବନଶୈଳୀ ପ୍ରତି ବିପଦ ସୃଷ୍ଟି କରିଥିଲା। ଏଭଳି ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି ଗୋଷ୍ଠୀ ସମୁଦାୟ ପ୍ରାକୃତିକ ସମ୍ବଳର ପୁନରୁଦ୍ଧାର ପାଇଁ ସାମୂହିକ ପଦକ୍ଷେପ ନେଇଥିଲେ। ବିଭିନ୍ନ ପୁନରୁଦ୍ଧାର ପ୍ରୟାସ, ଯଥା ବନୀକରଣ, ସୁ-ସ୍ଥାୟୀ ଜମି ପରିଚାଳନା ଏବଂ ବିକଳ୍ପ ଜୀବିକାକୁ ପ୍ରୋତ୍ସାହିତ କରିବା ମାଧ୍ୟମରେ ସେମାନେ ସଫଳତାର ସହ ଜଙ୍ଗଲର ପୁନରୁଦ୍ଧାର କରିଥିଲେ । ଏହି ପରିବର୍ତ୍ତନ ସ୍ଥାନୀୟ ଅଞ୍ଚଳର ପରିବେଶ ସନ୍ତୁଳନର ପୁନରୁଦ୍ଧାର କରିବା ସହିତ ନୂତନ ଅର୍ଥନୈତିକ ସୁଯୋଗ ମଧ୍ୟ ସୃଷ୍ଟି କରିଥିଲା, ଯାହା ଗୋଷ୍ଠୀ ସମୁଦାୟ ଦ୍ୱାରା ପରିଚାଳିତ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ପ୍ରକ୍ରିୟାର ସାମର୍ଥ୍ୟ ପ୍ରଦର୍ଶନ କରିଥିଲା।

ଖିଲାପୁଟ ଏକ ଛୋଟ ଗାଁ, ଯେଉଁଠାରେ ୪୬ଟି ପରିବାର ଘଞ୍ଚ ଜଙ୍ଗଲ ମଧ୍ୟରେ ସରଳ ଓ ନିରାଡମ୍ବର ଜୀବନଶୈଳୀ ସହିତ ବସବାସ କରନ୍ତି। ପ୍ରାକୃତିକ ଜଙ୍ଗଲ ସହିତ ସେମାନଙ୍କର ଜୀବନଶୈଳୀ ଓତଃପ୍ରୋତ ଭାବରେ ଜଡ଼ିତ। ଉପଲବ୍ଧ ପ୍ରାକୃତିକ ସମ୍ପଦ ଦ୍ୱାରା ସେମାନେ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ କରିଥାନ୍ତି। ଧୀରେ ଧୀରେ ପୋଡୁ ଚାଷ, ଜାଳେଣୀ କାଠ ଓ ଲଘୁ ବନଜାତ ଦ୍ରବ୍ୟ ଉପରେ ଅତ୍ୟଧିକ ନିର୍ଭରଶୀଳତା ଯୋଗୁଁ ଜଙ୍ଗଲ ସମ୍ପଦ ସୀମିତ ହୋଇଗଲା। ଏମିତି ଏକ ସମୟ ଉପନୀତ ହେଲା, ଯେତେବେଳେ ଉଭୟ ପରିବେଶ ଏବଂ ସେମାନଙ୍କ ଜୀବିକା ବିପଦରେ ପଡ଼ିଗଲା। ଗ୍ରାମବାସୀମାନେ ଏଭଳି ପରିସ୍ଥିତିକୁ ହୃଦୟଙ୍ଗମ କରି ଜଙ୍ଗଲର ସୁରକ୍ଷା କରିବା ସହ ଜନସାଧାରଣଙ୍କ ଭାଗିଦାରୀରେ ଜଙ୍ଗଲ ସମ୍ପଦକୁ ପୁନରୁଦ୍ଧାର କରିବାକୁ ନିଷ୍ପତ୍ତି ନେଲେ। ସେମାନେ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇଏଇଇଟି (IAEET) ସହ ଯୋଗାଯୋଗ କରି ୨୦୨୦ ମସିହାରେ ଆମ ଜଙ୍ଗଲ ଯୋଜନା ଅଧୀନରେ ଏକ ବନ ସୁରକ୍ଷା ସମିତି ଗଠନ କଲେ ।

ଆମ ଜଙ୍ଗଲ ଯୋଜନା ଏବଂ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ଏକ ବ୍ୟାପକ ଅଣୁ ଯୋଜନା ପ୍ରସ୍ତୁତ କରି ଗ୍ରାମବାସୀମାନେ ସେମାନଙ୍କ ଯାତ୍ରା ଆରମ୍ଭ କରିଥିଲେ। ଅଣୁ ଯୋଜନାରେ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ, ନିର୍ଦ୍ଧାରିତ ଜଙ୍ଗଲ ଜମିର ପୁନରୁଦ୍ଧାର ପାଇଁ ବନ ସୁରକ୍ଷା ସମିତି ଅଞ୍ଚଳରେ ବୃକ୍ଷ ରୋପଣ ବିନା ୫୦ ହେକ୍ଟର ଜଙ୍ଗଲ ଜମିର ପ୍ରାକୃତିକ ପୁନର୍ଜନନ କାର୍ଯ୍ୟ କରାଯାଇଥିଲା। ଉଦ୍ଭିଦ ପ୍ରଜାତିର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନିର୍ଦ୍ଧାରିତ ଅଞ୍ଚଳରେ ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ବ୍ୟବସ୍ଥା ଏବଂ ଅନ୍ୟ ବନତାତ୍ତ୍ୱିକ କାର୍ଯ୍ୟକ୍ରମମାନ ମଧ୍ୟ କରାଯାଇଥିଲା। ବନ ସୁରକ୍ଷା ସମିତି ସଦସ୍ୟମାନେ ଜଙ୍ଗଲ ଅଞ୍ଚଳକୁ ବନାଗ୍ନି ଏବଂ ବେଆଇନ ଗଛକଟାରୁ ରକ୍ଷା କରିବାରେ ସକ୍ରିୟ ଭାବରେ ସାମିଲ ହୋଇଥିଲେ ଏବଂ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କର ଆୟରେ ଉନ୍ନତି ଆଣି ପାରିଥିଲେ। ଯୋଜନା ପ୍ରସ୍ତୁତି, ସମୀକ୍ଷା ଏବଂ ନୂତନ ପଦକ୍ଷେପ ନେବା ପାଇଁ ଖିଲାପୁଟ ବନ ସୁରକ୍ଷା ସମିତିରେ ନିୟମିତ ବୈଠକ ଅନୁଷ୍ଠିତ ହେଉଥିଲା।

ଧୀରେ ଧୀରେ ଖିଲାପୁଟ ବନ ସୁରକ୍ଷା ସମିତିର ସଦସ୍ୟମାନେ ଜଙ୍ଗଲ ସମ୍ପଦ ଉପରେ ସେମାନଙ୍କର ଏକକ ନିର୍ଭରଶୀଳତା ହ୍ରାସ କରିବା ପାଇଁ ବିକଳ୍ପ ଜୀବିକା ବୃତ୍ତି ଗ୍ରହଣ କରିବାକୁ ଯୋଜନା କଲେ। ସେମାନେ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ ଏବଂ ସେମାନଙ୍କ ମାଧ୍ୟମରେ ସ୍ଥାନୀୟ ବ୍ୟାଙ୍କରୁ ଋଣ ସହାୟତାରେ କ୍ଷୁଦ୍ର ବ୍ୟବସାୟ ଆରମ୍ଭ କଲେ। ସେମାନେ ବିଭିନ୍ନ ପ୍ରକାରର ବ୍ୟବସାୟ କରି ଠିକ୍ ସମୟରେ ଋଣ ରାଶି ପରିଶୋଧ କରିବାକୁ ପ୍ରତିଶ୍ରୁତିବଦ୍ଧ ହେଇଥିଲେ।










୧୦ ଜଣ ମହିଳା ସଦସ୍ୟଙ୍କୁ ନେଇ ଗଠିତ ମା' ତାରିଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗର ବୈଷୟିକ ସହାୟତାରେ କୁକୁଡ଼ା ପାଳନ ବ୍ୟବସାୟ ଆରମ୍ଭ କଲେ। ଏହି ସ୍ୱୟଂ ସହାୟକ ଗୋଷ୍ଠୀ ମିଶନ ଶକ୍ତି ବିଭାଗ ଅନ୍ତର୍ଗତ ଯୋଜନା ଅନ୍ତର୍ଭୁକ୍ତିରେ ୨୦୦୦ ପକ୍ଷୀ କ୍ଷମତା ବିଶିଷ୍ଟ ଏକ କୁକୁଡ଼ା ପାଳନ ୟୁନିଟ୍ ପ୍ରତିଷ୍ଠା କଲେ। ଏହି କୁକୁଡ଼ା ପାଳନ ୟୁନିଟ୍‌ର ମୋଟ ଅଟକଳ ମୂଲ୍ୟ ଟ. ୭,୨୦,୦୦୦/- ଥିଲା। ସେଥିମଧ୍ୟରୁ ସରକାର ମୋଟ ମଞ୍ଜୁର ରାଶିର ୬୦:୪୦ ଅନୁପାତରେ ଟ. ୨,୮୮,୦୦୦/- ରିହାତି (ସବସିଡି) ମଞ୍ଜୁର କରିଥିଲେ। ୨୦୨୪ ଜୁନ୍ ସୁଦ୍ଧା କୁକୁଡ଼ା ଘର ନିର୍ମାଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା। ୨୦୨୪ ମେ' ମାସରେ କୁକୁଡ଼ା ଘର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ ପକ୍ଷରୁ ୨୦୦୦ ସଂଖ୍ୟକ କୁକୁଡ଼ା ଚିଆଁ ପାଳନ ପାଇଁ ଯୋଗାଇ ଦିଆଯାଇଥିଲା। ଏହି କୁକୁଡାମାନେ ଏବେ ବଢିବା ଅବସ୍ଥାରେ ଅଛନ୍ତି ଏବଂ ୨୦୨୪ ସେପ୍ଟେମ୍ବର ଶେଷ ସୁଦ୍ଧା ବିକ୍ରି ପାଇଁ ପ୍ରସ୍ତୁତ ହୋଇଯିବେ ବୋଲି ଆଶା କରାଯାଉଛି।

୧୦ ଜଣ ମହିଳା ସଦସ୍ୟଙ୍କୁ ନେଇ ଗଠିତ 'ଶାନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ' ସରକାରଙ୍କ ଉଦ୍ୟାନ କୃଷି ବିଭାଗର ଆର୍ଥିକ ସହାୟତାରେ ସେମାନଙ୍କ ଗାଁରେ ଏକ ସୌର ଚାଳିତ ଶୀତଳ ଭଣ୍ଡାର (କୁଲ୍ ଚାମ୍ବର) ନିର୍ମାଣ କରିଛନ୍ତି। ଶୀତଳ ଭଣ୍ଡାରର ମୋଟ ପ୍ରକଳ୍ପ ମୂଲ୍ୟ ଟ. ୧୫,୦୦,୦୦୦/- ଥିବା ବେଳେ ସେଥିମଧ୍ୟରୁ ଜାତୀୟ ଉଦ୍ୟାନ କୃଷି ମିଶନରୁ ଗୋଷ୍ଠୀକୁ ଟ. ୧୦,୫୦,୦୦୦/-(୭୦%) ରିହାତି (ସବସିଡି) ରାଶି ମିଳିଥିଲା। ଅବଶିଷ୍ଟ ୪,୫୦,୦୦୦/- ଟଙ୍କା କୋରାପୁଟ ଜିଲ୍ଲା ଖଣିଜ ଫାଉଣ୍ଡେସନରୁ ପାଇବାରେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଦଳ ସେମାନଙ୍କୁ ସାହାଯ୍ୟ କରିଥିଲା। ଅଧୁନା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ କୃଷକମାନେ, ବିଶେଷକରି ପନିପରିବା ଚାଷୀମାନେ ସେମାନଙ୍କର ଅଭାବୀ ବିକ୍ରି ସମସ୍ୟାର ସମାଧାନ କରି ଶୀତଳ ଭଣ୍ଡାରରୁ ଅନେକ ଭାବେ ଉପକୃତ ହେଉଛନ୍ତି। ସ୍ଥାନୀୟ କୃଷକମାନେ ଏବେ ସେମାନଙ୍କ ପନିପରିବାକୁ ସଂରକ୍ଷିତ କରି ଏବଂ ସୁଦୂର ବଜାର ସହ ଯୋଗାଯୋଗ କରି ବର୍ଦ୍ଧିତ ମୂଲ୍ୟ ପାଇବାରେ ସକ୍ଷମ ହେଉଛନ୍ତି।

ଅନ୍ୟ ମହିଳା ଗୋଷ୍ଠୀମାନେ ଉପରୋକ୍ତ କୁକୁଡ଼ା ଫାର୍ମ ଭଳି ମିଶନ ଶକ୍ତି ବିଭାଗ ମାଧ୍ୟମରେ ପ୍ରାଣୀ ଚିକିତ୍ସା ବିଭାଗ ସହାୟତାରେ ଏକ ଛେଳି ଫାର୍ମ ପ୍ରତିଷ୍ଠା କରିଛନ୍ତି। ଛେଳି ଫାର୍ମର ମୋଟ ମୂଲ୍ୟ ଟ. ୨,୩୦,୦୦୦/- ହୋଇଥିବା ବେଳେ ସେଥିମଧ୍ୟରୁ ମୋଟ ଋଣ ରାଶିର ୫୦:୫୦ ଅନୁପାତରେ ୧,୧୫,୦୦୦/- ଟଙ୍କା ରିହାତି (ସବ୍‌ସିଡି) ରାଶି ପାଇ ପାରିଛନ୍ତି। ସେମାନଙ୍କୁ ୨୦୨୪ ମାର୍ଚ୍ଚ ମାସରେ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା, ଯେଉଁଥିରେ ସେମାନେ ଏକ ଛେଳି ଗୁହାଳ ନିର୍ମାଣ କରିଛନ୍ତି। ଗୁହାଳ ନିର୍ମାଣ ସରିବା ପରେ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ ପକ୍ଷରୁ ୩୨ ଗୋଟି ଛେଳି (୩୦ ଗୋଟି ମାଈ ଓ ୨ ଗୋଟି ବୋଦା) ସହାୟତା ପ୍ରଦାନ କରାଯାଇଥିଲା।

ଜଙ୍ଗଲ ସୁରକ୍ଷା ଓ ଜୀବିକା ପ୍ରୋତ୍ସାହନ କ୍ଷେତ୍ରରେ ଖିଲାପୁଟ ବନ ସୁରକ୍ଷା ସମିତିର ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉଲ୍ଲେଖନୀୟ। ୭୫ତମ ବନ ମହୋତ୍ସବରେ କୋରାପୁଟର ମାନ୍ୟବର ବିଧାୟକ ୨୦୨୩-୨୪ ମସିହା ପାଇଁ ଖିଲାପୁଟ ବନ ସୁରକ୍ଷା ସମିତିକୁ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ବନ ସୁରକ୍ଷା ସମିତି ଭାବରେ ସମ୍ମାନିତ କରିଥିଲେ। ଉଭୟ ଜଙ୍ଗଲ ପୁନରୁଦ୍ଧାର ଏବଂ ସୁ-ସ୍ଥାୟୀ ଜୀବିକା ପ୍ରୋତ୍ସାହନ କ୍ଷେତ୍ରରେ ଗ୍ରାମବାସୀଙ୍କ ସମନ୍ୱିତ ଆଭିମୁଖ୍ୟ ଏବଂ ସାମୂହିକ କାର୍ଯ୍ୟ ସେମାନଙ୍କର ଉଲ୍ଲେଖନୀୟ ସଫଳତାର ଚାବିକାଠି ହୋଇ ପାରିଛି। ମିଳିତ ଭାବେ କାର୍ଯ୍ୟ କରି, ସୁ-ସ୍ଥାୟୀ କୌଶଳ ଗ୍ରହଣ କରି ଏବଂ ଦାୟିତ୍ୱବୋଧ ସହକାରେ ଏକ ସହଭାଗୀ ଭାବନାକୁ ପ୍ରୋତ୍ସାହିତ କରି ସେମାନେ ଯେ କେବଳ ସେମାନଙ୍କ ପ୍ରାକୃତିକ ପରିବେଶକୁ ପୁନରୁଦ୍ଧାର କରିପାରିଛନ୍ତି ତାହାନୁହେଁ, ବରଂ ଏକ ସୁଦୃଢ଼ ଓ ଅଧିକ ସ୍ଥିର ସାମାଜିକ-ଆର୍ଥିକ ଭବିଷ୍ୟତ ମଧ୍ୟ ନିର୍ମାଣ କରିବାରେ ମଧ୍ୟ ସକ୍ଷମ ହୋଇ ପାରିଛନ୍ତି। ସେମାନଙ୍କର ଏହି ସଫଳ ଯାତ୍ରା ସୁ-ସ୍ଥାୟୀ ପରିବେଶ ଓ ଅର୍ଥନୈତିକ ପରିବର୍ତ୍ତନ ହାସଲ କରିବା ପାଇଁ ସେମାନଙ୍କର ଏକତା ଓ ସହଯୋଗର ଶକ୍ତିକୁ ପ୍ରମାଣିତ କରିଅଛି।

କାହାଣୀ- ୨

## ଜଙ୍ଗଲ ରକ୍ଷକ: ସ୍ଥାନୀୟ ସମ୍ପ୍ରଦାୟର ପ୍ରଗତିଶୀଳ ଯାତ୍ରା

**କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ପାଟଣା ବ୍ଲକ ଭାଲୁଘରାସାହି ବନ ସୁରକ୍ଷା ସମିତିର ସଫଳତାର କାହାଣୀ ।**

ଗ୍ରାମବାସୀଙ୍କ ଜୀବିକାରେ ଉନ୍ନତି ଆଣିବା ସହିତ ସ୍ଥାନୀୟ ଜଙ୍ଗଲର ସୁରକ୍ଷା ପାଇଁ ବନ ସୁରକ୍ଷା ସମିତିର ପ୍ରଗତିଶୀଳ ପ୍ରୟାସ ଉଲ୍ଲେଖନୀୟ । ଗୋଷ୍ଠୀ ଭିତ୍ତିକ ସଫଳ ପରିଚାଳନା, ବନୀକରଣ ଏବଂ ବିକଳ୍ପ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଭଳି ବିଭିନ୍ନ ସୁ-ସ୍ଥାୟୀ କୌଶଳ ମାଧ୍ୟମରେ ବନ ସୁରକ୍ଷା ସମିତି ଗୁଡିକ ସେମାନଙ୍କର ଅର୍ଥନୈତିକ ଆବଶ୍ୟକତା ସହିତ ଜଙ୍ଗଲ ସଂରକ୍ଷଣକୁ ସଫଳତାର ସହ ସନ୍ତୁଳିତ କରି ରଖିଛନ୍ତି । ସେମାନଙ୍କ ପ୍ରୟାସ ଜଙ୍ଗଲର ପୁନରୁଦ୍ଧାର କରିବା ସହିତ ଦୃଢ ପରିଚାଳନା ସାମର୍ଥ୍ୟକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିଥିଲା । ଏହି କାହାଣୀଟି ଜଙ୍ଗଲ ଓ ପରିବେଶର ସୁରକ୍ଷା ଏବଂ ଜୀବିକାଭିତ୍ତିକ ସହାୟତା ସୁନିଶ୍ଚିତ କରିବା, ପ୍ରାକୃତିକ ସମ୍ପଦର ଦୀର୍ଘକାଳୀନ ସ୍ଥାୟିତ୍ୱ ଏବଂ ଲୋକମାନଙ୍କ ଆବଶ୍ୟକତାକୁ ସନ୍ତୁଳିତ କରି ରଖିବାରେ ଗୋଷ୍ଠୀ ପରିଚାଳିତ କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରେ ।

ଭାଲୁଘରାସାହି (ଭୁଲଦା) ଏକ ଜଙ୍ଗଲ ମଧ୍ୟବର୍ତ୍ତୀ ଗାଁ, ଯାହା ପ୍ରକୃତି ଏବଂ ଏହାର ଅମୂଲ୍ୟ ଉପକାରିତା ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଗ୍ରାମବାସୀମାନେ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ଧାନ ଚାଷ ସେମାନଙ୍କର ମୁଖ୍ୟ ଜୀବିକା ଏବଂ ମୂଳ ଲାଗିବା, ପନିପରିବା ଚାଷ ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ହେଉଛି ସେମାନଙ୍କ ଅନ୍ୟାନ୍ୟ ଆୟର ପନ୍ଥା ।




୨୦୨୦ ଫେବ୍ରୁଆରି ମାସ ୧୭ ତାରିଖରେ କେନ୍ଦୁଝର ବନଖଣ୍ଡ ଓ ଭାଲୁଘରାସାହି ଗ୍ରାମବାସୀମାନଙ୍କ ସହଯୋଗରେ ସହଭାଗୀ ଜଙ୍ଗଲ ପରିଚାଳନା ପାଇଁ ଏକ ବୁଝାମଣା ହୋଇଥିଲା । ଗ୍ରାମବାସୀ ମାନଙ୍କ ଜଙ୍ଗଲ ନିର୍ଭରଶୀଳତା ହ୍ରାସ କରିବା ସହ ସେମାନଙ୍କ ପାଇଁ ବିକଳ୍ପ ରୋଜଗାର ଯୋଗାଇଦେବା ଏହାର ଅନ୍ୟତମ ଉଦ୍ଦେଶ୍ୟ ଥିଲା । ବନ ସୁରକ୍ଷା ସମିତି ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଏବଂ ବେଲଦା ସଂରକ୍ଷିତ ଜଙ୍ଗଲରୁ ୫୦ ହେକ୍ଟର ଜଙ୍ଗଲ ଅଞ୍ଚଳ ପୁନରୁଦ୍ଧାର କାର୍ଯ୍ୟ ପାଇଁ ବନ ସୁରକ୍ଷା ସମିତିକୁ ହସ୍ତାନ୍ତର କରାଯାଇଥିଲା । ବନ ସୁରକ୍ଷା ସମିତି ଅଞ୍ଚଳରେ ଆମ ଜଙ୍ଗଲ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଥିଲା । ବନ ସୁରକ୍ଷା ସମିତି ସଦସ୍ୟଙ୍କ ସମ୍ପୃକ୍ତିରେ ଏକ ଅଣୁଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇ ଗ୍ରାମସଭାରେ ଅନୁମୋଦନ କରାଯାଇଥିଲା । ଆମ ଜଙ୍ଗଲ ଯୋଜନା ଅଧୀନରେ ବନ ସୁରକ୍ଷା ସମିତିର ପ୍ରାରମ୍ଭିକ କାର୍ଯ୍ୟ, ଯଥା ସର୍ବେକ୍ଷଣ ଓ ସୀମାନିର୍ଦ୍ଧାରଣ, ସୀମା ଖୁଣ୍ଟି ସ୍ଥାପନ ଇତ୍ୟାଦି ବନ ସୁରକ୍ଷା ସମିତି ସଦସ୍ୟଙ୍କ ସମ୍ପୃକ୍ତିରେ ସଫଳତାର ସହ ସମ୍ପନ୍ନ କରାଯାଇଥିଲା । ସହଯୋଗୀ ଅଣ ସରକାରୀ ସଂସ୍ଥାର କର୍ମଚାରୀଙ୍କ ନିୟମିତ ଗସ୍ତ ଏବଂ ମାସିକ ବୈଠକ ବନ ସୁରକ୍ଷା ସମିତି ସଦସ୍ୟ ଏବଂ କାର୍ଯ୍ୟନିର୍ବାହୀ କମିଟିକୁ ଅଧିକ ସକ୍ରିୟ ଏବଂ ଉତ୍ସାହିତ କରି ଗ୍ରାମର ସାମୁହିକ ବିକାଶ ତଥା ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ କିଛି ନୂଆ କାମ କରିବା ପାଇଁ ଉତ୍ସାହିତ କରିଥିଲା । ଅନୁମୋଦିତ ଅଣୁ ଯୋଜନାକୁ ଆଧାର କରି ଜଙ୍ଗଲ ପୁନରୁଦ୍ଧାର ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ସବୁ କରାଯାଇଥିଲା ।







ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳର ସୁରକ୍ଷା ଏବଂ ପୁନରୁଦ୍ଧାର ପାଇଁ ବନ ସୁରକ୍ଷା ସମିତିର ସଦସ୍ୟମାନଙ୍କ ମଧ୍ୟରେ ଏକ ବୁଝାମଣା ବିକଶିତ କରାଯାଇଥିଲା, ଯାହା ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳ ଜଗିବା ପାଇଁ ନିର୍ଦ୍ଦିଷ୍ଟ ଏକ ଚିଠାରେ ପ୍ରତିଫଳିତ ହୋଇଅଛି। ଜଙ୍ଗଲ ସୁରକ୍ଷା ଉପରେ ଗୋଷ୍ଠୀଗତ ତଦାରଖକୁ ଉତ୍ସାହିତ କରିବା ପାଇଁ ଭାଲୁଘରାସାହି ବନ ସୁରକ୍ଷା ସମିତିର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନେ ଠେଙ୍ଗାପାଳି ପଦ୍ଧତିରେ ନିଜର ୫୦ ହେକ୍ଟର ପରିମିତ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳର ସୁରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି।

ଆମ ଜଙ୍ଗଲ ଯୋଜନା ପ୍ରକଳ୍ପର ଉଦ୍ଦେଶ୍ୟ ପୂରଣ କରିବା ଏବଂ ବନ ସୁରକ୍ଷା ସମିତି ସଦସ୍ୟମାନଙ୍କ ମଧ୍ୟରେ ଉତ୍ତରଦାୟିତ୍ୱ ଭାବନାକୁ ଜାଗ୍ରତ କରିବା ପାଇଁ, ସରକାରୀ ଏବଂ ବିଭାଗୀୟ ଅଧିକାରୀଙ୍କ ପରାମର୍ଶକ୍ରମେ ବନ ସୁରକ୍ଷା ସମିତି/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ଏକ ଦୀର୍ଘମିଆଦୀ ସମନ୍ୱୟ ଯୋଜନା ପ୍ରସ୍ତୁତ କରାଯାଇଅଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟମାନେ ଆନ୍ତଃ-ବିଭାଗୀୟ ସମନ୍ୱୟମୂଳକ କାର୍ଯ୍ୟକ୍ରମ ଜରିଆରେ ଅନ୍ୟାନ୍ୟ ସରକାରୀ ବିଭାଗର ବିଭିନ୍ନ ଯୋଜନା ମାଧ୍ୟମରେ ଆୟ ସୃଷ୍ଟି କାର୍ଯ୍ୟକଳାପ ସହିତ ଯୋଡ଼ି ହୋଇଛନ୍ତି। ଜନ ଶିକ୍ଷଣ ସଂସ୍ଥାନ, କେନ୍ଦୁଝରଙ୍କ ସହିତ ସମନ୍ୱୟ ମାଧ୍ୟମରେ ଛତୁଚାଷ ଓ ଏ ସମ୍ପର୍କିତ ତାଲିମ ପାଇଁ ୨୦ଟି ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ପ୍ରାଣୀ ସମ୍ପଦ ବିକାଶ ବିଭାଗ ସହ ସମନ୍ୱୟ ରକ୍ଷା କରି ନିୟମିତ ବ୍ୟବଧାନରେ ପ୍ରାଣୀ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଉଅଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସହିତ ସମନ୍ୱୟ ମାଧ୍ୟମରେ ୧୦ଟି ପରିବାରକୁ ଇନ୍ଧନ ଗ୍ୟାସ ସଂଯୋଗ ମିଳି ପାରିଛି। ବନ ସୁରକ୍ଷା ସମିତିରେ ହେଉଥିବା ଅନ୍ୟାନ୍ୟ ଉପାର୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଗୁଡ଼ିକ ହେଲା, ଲଘୁ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଓ ବ୍ୟବସାୟ, ଛତୁ ଚାଷ, ଜିଆ ଖତ ପ୍ରସ୍ତୁତି, ସିଲେଇ, ଉଦ୍ୟାନ କୃଷି ଫସଲ ଉତ୍ପାଦନ ଇତ୍ୟାଦି ଯାହା ମାଧ୍ୟମରେ ବନ ସୁରକ୍ଷା ସମିତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଲାଭବାନ ହେଉଛନ୍ତି। ଜଙ୍ଗଲ ସୁରକ୍ଷା ଓ ଜୀବିକା ପ୍ରୋତ୍ସାହନ କ୍ଷେତ୍ରରେ ବନ ସୁରକ୍ଷା ସମିତି ସଦସ୍ୟଙ୍କ ସମ୍ପୃକ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣଯୋଗ୍ୟ। ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଓ ପରେ ତତ୍କାଳୀନ ଭାଲୁଘରସାହି ଗ୍ରାମ ସହିତ ବନ ସୁରକ୍ଷା ସମିତିର ସାମ୍ପ୍ରତିକ ଦୃଶ୍ୟକୁ ତୁଳନା କରାଗଲେ ପରିବର୍ତ୍ତନର ସନ୍ତୋଷଜନକ ଚିତ୍ର ଦୃଶ୍ୟମାନ ହୁଏ ।

ଏହା ସ୍ପଷ୍ଟ ଯେ, ଗ୍ରାମବାସୀଙ୍କ ସାମୂହିକ ପ୍ରୟାସ କେବଳ ଜଙ୍ଗଲ ପରିବେଶକୁ ପୁନର୍ଜୀବିତ କରିନାହିଁ, ବରଂ ଗ୍ରାମବାସୀଙ୍କ ସାମାଜିକ-ଅର୍ଥନୈତିକ କଲ୍ୟାଣ ପାଇଁ ମଧ୍ୟ ଯଥେଷ୍ଟ ଲାଭ ଆଣି ଦେଇଛି। ସୁ-ସ୍ଥାୟୀ କୌଶଳକୁ ପ୍ରୋତ୍ସାହିତ କରି ଗ୍ରାମବାସୀମାନେ ନିଜର ଜୀବିକା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ଗୁରୁତ୍ୱପୂର୍ଣ୍ଣ ସମ୍ବଳର ଦୀର୍ଘକାଳୀନ ଉପଲବ୍ଧତାକୁ ସୁନିଶ୍ଚିତ କରି ପାରିଛନ୍ତି। ସ୍ଥାନୀୟ ସହଯୋଗ ମାଧ୍ୟମରେ କିପରି ଗ୍ରାମବାସୀଙ୍କ କଲ୍ୟାଣ ପାଇଁ ପରିବେଶର ପୁନରୁଦ୍ଧାର କରାଯାଇ ପାରିବ, ସ୍ଥାନୀୟ ଜନସାଧାରଣ ଏବଂ ପ୍ରକୃତି ମଧ୍ୟରେ ଏହି ସମନ୍ୱୟର ଉଦାହରଣଯୋଗ୍ୟ କାହାଣୀଟି ଦର୍ଶାଉଅଛି।








କାହାଣୀ-୩

## ଅର୍ଥକାରୀ ଫସଲ ଚାଷ ପାଇଁ ସହଯୋଗ; ଆମ ଜଙ୍ଗଲ ଯୋଜନାର ଆନ୍ତଃ-ବିଭାଗୀୟ ସମନ୍ୱୟ କାର୍ଯ୍ୟକ୍ରମର ପ୍ରଭାବ ଉପରେ ଏକ ସଫଳ କାହାଣୀ

(କେନ୍ଦୁଝରର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ହରିଚନ୍ଦନପୁର ବ୍ଲକର ଆଖୁପାଳ ବନ ସୁରକ୍ଷା ସମିତି ସହ କୃଷି ବିଭାଗର ସମନ୍ୱୟର ଏକ ସଫଳ କାହାଣୀ)

ଏହି କାହାଣୀରେ ଅର୍ଥକାରୀ ଫସଲ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ କୃଷକ ଏବଂ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସଫଳ ସମନ୍ୱୟ ପ୍ରତିଫଳିତ ହୋଇଅଛି, ଯାହାଫଳରେ ଫସଲ ଉତ୍ପାଦନ ଏବଂ କୃଷକଙ୍କ ଆୟରେ ଯଥେଷ୍ଟ ଉନ୍ନତି ହୋଇ ପାରିଛି। ବିବିଧ ଚାଷ ପଦ୍ଧତିର ଆବଶ୍ୟକତାକୁ ଉପଲବ୍ଧି କରି ସ୍ଥାନୀୟ କୃଷକମାନେ କୃଷି ବିଶେଷଜ୍ଞ, ସମ୍ପ୍ରସାରଣ ସେବା ପ୍ରଦାନକାରୀ ଏବଂ ଆର୍ଥିକ ସହାୟତା ପ୍ରଦାନକାରୀ ଅନୁଷ୍ଠାନ ସହ ମିଶି ଫସଲ ଉତ୍ପାଦନ ପାଇଁ ଅଭିନବ ପଦ୍ଧତି କାର୍ଯ୍ୟକାରୀ କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଉପକରଣ ସହାୟତା ଏବଂ ପ୍ରଭାବୀ ବିକ୍ରୟ କୌଶଳ ଦ୍ୱାରା କୃଷକମାନଙ୍କୁ ପାରମ୍ପରିକ ଫସଲ ବଦଳରେ ଅଧିକ ଲାଭଦାୟକ ଅର୍ଥକାରୀ ଫସଲ ଚାଷ କରିବାକୁ ସମର୍ଥ କରିଥିଲା। ଏହି ସହଭାଗୀ ପ୍ରଚେଷ୍ଟା କେବଳ ଯେ ଏହି ଅଞ୍ଚଳରେ କୃଷିଭିତ୍ତିକ ଅର୍ଥନୈତିକ ସାମର୍ଥ୍ୟକୁ ସଶକ୍ତ କରିନାହିଁ, ବରଂ ଫସଲ ଉତ୍ପାଦନ ଏବଂ ଆୟ ବୃଦ୍ଧିରେ ସହଯୋଗୀ ଆଭିମୁଖ୍ୟର ଗୁରୁତ୍ୱକୁ ମଧ୍ୟ ପ୍ରଦର୍ଶିତ କରୁଅଛି।

କେନ୍ଦୁଝରର ବନ୍ୟପ୍ରାଣୀ ଡିଭିଜନ ଅଧୀନସ୍ଥ ହରିଚନ୍ଦନପୁର ବ୍ଲକର ୮୫ ଟି ପରିବାରକୁ ନେଇ ଗଠିତ 'ଆଖୁପାଳ' ଏକ ଆଦିବାସୀ ଗ୍ରାମ। ଗାଁରେ ଥିବା ପରିବାର ଗୁଡ଼ିକର ଜୀବିକାରେ କୃଷିର ପ୍ରମୁଖ ଯୋଗଦାନ ରହିଅଛି। ତେବେ ଜଳବାୟୁ ପରିବର୍ତ୍ତନ, ଅସ୍ଥିର ବଜାର ପରିସ୍ଥିତି, ଉନ୍ନତ କୃଷି ସାମଗ୍ରୀର ଅଭାବ ଓ ମୂଳ ପୁଞ୍ଜିର ଅଭାବ ଯୋଗୁଁ କୃଷକମାନେ ସର୍ବଦା ଦାରିଦ୍ର୍ୟ ସହିତ ସଂଘର୍ଷ କରି ବଞ୍ଚୁଥିଲେ। ଗାଁର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଖରେ ବଜାରଭିତ୍ତିକ ଅର୍ଥକାରୀ ଫସଲ ଚାଷକୁ ପ୍ରୋତ୍ସାହିତ କରିବାର କୌଣସି ସୁଯୋଗ ନଥିଲା। ବନ ସୁରକ୍ଷା ସମିତିର ସାଧାରଣ ପରିଷଦ ବୈଠକରେ ଏହି ଅସୁବିଧାକୁ ଉପସ୍ଥାପନ କରାଯାଇଥିଲା ଏବଂ ଗାଁର କ୍ଷୁଦ୍ର ଏବଂ ନାମମାତ୍ର କୃଷକମାନେ ଯେପରି ଉପକୃତ ହୋଇପାରିବେ ସେଥିପାଇଁ ଏକ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବାକୁ ସାମୂହିକ ନିଷ୍ପତ୍ତି ନିଆଯାଇଥିଲା। ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଦଳ ସହାୟତାରେ ଆଖୁପାଳ ବନ ସୁରକ୍ଷା ସମିତି ତରଫରୁ ମିଳିତ ଚାଷ ପାଇଁ ଏକ ନିର୍ଦ୍ଦିଷ୍ଟ ଜମି ଚୟନ କରାଯାଇଥିଲା। ଆଗ୍ରହୀ କୃଷକମାନଙ୍କୁ ଚିହ୍ନଟ କରାଯାଇ ଉପଯୁକ୍ତ ଅର୍ଥକାରୀ ଫସଲ ଚାଷ କରିବା ପାଇଁ ଉତ୍ସାହିତ କରାଯାଇଥିଲା। ଏହାପରେ ଆମ ଜଙ୍ଗଲ ଯୋଜନା ଦଳ ବନ ସୁରକ୍ଷା ସମିତିକୁ କୃଷି ବିଭାଗଠାରୁ ଆବଶ୍ୟକ ସାହାଯ୍ୟ ସହଯୋଗ ପାଇବା ନିମନ୍ତେ ସହାୟତା କରିଥିଲେ। ଏଥିପାଇଁ କୃଷି ବିଭାଗ ସହଯୋଗ କରିବା ସହ ଚାଷୀ ମାନଙ୍କୁ ସୂର୍ଯ୍ୟମୁଖୀ ଚାଷ ପାଇଁ ପ୍ରୋତ୍ସାହିତ କରିଥିଲେ। ସୂର୍ଯ୍ୟମୁଖୀ ଫସଲର ଅନ୍ତର୍ନିହିତ ଗୁଣ, ଯଥା- ଶୀଘ୍ର ନଷ୍ଟ ନ ହେବା, ବଜାର ଚାହିଦା ଏବଂ ସହଜ ଫସଲ ପରିଚାଳନାକୁ ଦୃଷ୍ଟିରେ ରଖି କୃଷକମାନେ ମିଳିତ ଭାବେ ସୂର୍ଯ୍ୟମୁଖୀ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସୂର୍ଯ୍ୟମୁଖୀ କ୍ଷେତର ଉତ୍ତମ ପରିଚାଳନା ପାଇଁ ପ୍ରତ୍ୟେକ କୃଷକଙ୍କୁ ଚାଷ ପଦ୍ଧତି, ଫସଲ ପରିଚାଳନା କାର୍ଯ୍ୟ, ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ଉପରେ ଅବଗତ କରାଯାଇଥିଲା।

ଆଖୁପାଳ ଗ୍ରାମର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସୁନିଶ୍ଚିତ ଆୟ ପାଇଁ ଏହି ମିଳିତ ପଦକ୍ଷେପ ସଫଳ ହୋଇଥିଲା। ଏକ ଏକର ଜମିରୁ ସେମାନେ ସୂର୍ଯ୍ୟମୁଖୀ ବିହନ ବିକ୍ରି କରି ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରି ପାରିଛନ୍ତି। ଉପଲବ୍ଧ ସହାୟତା ଓ ସମ୍ବଳର ଉପଯୋଗ କରି କୃଷକମାନେ ସେମାନଙ୍କର ପାରମ୍ପରିକ କୃଷି ପଦ୍ଧତିକୁ ଉନ୍ନତ ଜୀବିକା ଏବଂ ଆୟ ବୃଦ୍ଧିକାରୀ ପଦକ୍ଷେପ ଦିଗକୁ ପରିବର୍ତ୍ତିତ କରିପାରିଛନ୍ତି। ଏହି ସଫଳ କାହାଣୀ ନିରନ୍ତର ବିକାଶ ପାଇଁ ସହଭାଗୀ ଏବଂ ମିଳିତ ଦାୟିତ୍ୱବୋଧତାର ଗୁରୁତ୍ୱ ଉପରେ ଆଲୋକପାତ କରେ, ଯାହା ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସମାନ ପ୍ରୟାସ ପାଇଁ ଏକ ଆଦର୍ଶ ନମୁନା ଭାବରେ ଅନୁକରଣୀୟ। ଏହି ଉପଲବ୍ଧି ବିଶେଷ ଭାବରେ ଦର୍ଶାଉଛି ଯେ, ଯେତେବେଳେ ଗୋଷ୍ଠୀ ସମୁଦାୟ ସହଯୋଗୀ ଅନୁଷ୍ଠାନ ସହିତ ମିଳିତ ହୋଇ କାର୍ଯ୍ୟ କରନ୍ତି, ସେତେବେଳେ ସେମାନେ ସମସ୍ତ ବାଧା ବିଘ୍ନକୁ ଅତିକ୍ରମ କରି ଆଗକୁ ବଢ଼ିପାରନ୍ତି।






କାହାଣୀ-୪

## ଖୁସି ଅମଳ; ଦୁଇ ଅଭିନବ କୃଷକଙ୍କ ସଫଳ ଯାତ୍ରା

(ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ଭୁଲୁକାବାହାଲ ଗ୍ରାମର ଟଙ୍କମଣି କିସାନ ଓ ସୌଭାଗ୍ୟ କିସାନଙ୍କ ସଫଳ କାହାଣୀ)

ଅପ୍ରତ୍ୟାଶିତ ଜଳବାୟୁ ପରିସ୍ଥିତି, ମୃତ୍ତିକା ଅବକ୍ଷୟ ଏବଂ ଆଧୁନିକ ସମ୍ବଳର ସୀମିତ ଉପଲବ୍ଧତା ଯୋଗୁଁ କୃଷକମାନେ ସାଧାରଣତଃ କୃଷିକ୍ଷେତ୍ରରେ ଉତ୍ପାଦକତା ଏବଂ ଲାଭ ବଜାୟ ରଖିବା ପାଇଁ ସଂଘର୍ଷ କରିଥାନ୍ତି । ଗୋଟିଏ ଗ୍ରାମର ଦୁଇ ଜଣ ପ୍ରତିବଦ୍ଧ କୃଷକ ସମସ୍ତ ଆହ୍ୱାନର ସମ୍ମୁଖୀନ ହୋଇ ମଧ୍ୟ କିପରି ସନ୍ତୋଷଜନକ ରୋଜଗାର କରିବାରେ ସକ୍ଷମ ହୋଇପାରିଛନ୍ତି, ତାହା ଏହି କାହାଣୀରେ ବର୍ଣ୍ଣନା କରାଯାଇଛି । ସଫଳ ହେବା ପାଇଁ ସେମାନେ ଫସଲ ପରିବର୍ତ୍ତନ, ଜୈବିକ ସାର ପ୍ରୟୋଗ ଏବଂ ଜଳ ସଞ୍ଚୟକାରୀ ଜଳସେଚନ ବ୍ୟବସ୍ଥା ଭଳି ଅଭିନବ ପଦ୍ଧତି ଆପଣାଇଛନ୍ତି । ବଜାରର ଚାହିଦା ପୂରଣ କରି ଏବଂ ନୂତନ ଜ୍ଞାନକୌଶଳ ଅବଲମ୍ବନ କରି ସେମାନେ କେବଳ ଯେ ଫସଲ ଅମଳରେ ଉନ୍ନତି ଆଣି ନାହାନ୍ତି, ବରଂ ସେମାନଙ୍କ ଉତ୍ପାଦର ଗୁଣବତ୍ତା ମଧ୍ୟ ବୃଦ୍ଧି କରି ପାରିଛନ୍ତି । ସମସ୍ତ ପ୍ରତିବନ୍ଧକ ଗୁଡ଼ିକୁ ଅତିକ୍ରମ କରିବାର ସେମାନଙ୍କର ଦକ୍ଷତା ପାଇଁ ସେମାନେ ନିଜର କ୍ଷୁଦ୍ର ଜମିକୁ ଏକ ସମୃଦ୍ଧ ଉଦ୍ୟୋଗରେ ପରିଣତ କରି ପାରିଛନ୍ତି ଏବଂ କୃଷିକ୍ଷେତ୍ରରେ ସ୍ଥିରତା ଓ ଅଭିନବ କୃଷି କୌଶଳ ପାଇଁ ଏକ ସଫଳ ନମୁନା ଭାବରେ କାର୍ଯ୍ୟ କରିଛନ୍ତି ।

ଓଡ଼ିଶା ଅର୍ଥନୈତିକ ସୂଚକାଙ୍କରେ ଦେବଗଡ଼ ଜିଲ୍ଲାର ତିଳେଇବଣୀ ବ୍ଲକ ସର୍ବାଧିକ ଦାରିଦ୍ର୍ୟପ୍ରବଣ ବ୍ଲକ ମଧ୍ୟରୁ ଅନ୍ୟତମ । ଆଦିବାସୀ ଓ ପାରମ୍ପରିକ ବିଲୁପ୍ତ ବନବାସୀ ମାନଙ୍କର ସର୍ବାଧିକ ଜନସଂଖ୍ୟା ହେତୁ ସେମାନଙ୍କ ବିକାଶ ପାଇଁ ସରକାର ବିଶେଷ ଧ୍ୟାନ ଦେଇଛନ୍ତି । ବ୍ଲକର ଅଧିକାଂଶ ପରିବାର ରେଙ୍ଗାଲି ଜଳସେଚନ ପ୍ରକଳ୍ପରୁ ବିସ୍ଥାପିତ ହୋଇ ତିଳେଇବଣୀରେ ବସବାସ କରୁଛନ୍ତି । ମୂଳ ମଜୁରିରୁ ରୋଜଗାର, ପଶୁପାଳନ, ଲଘୁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଏବଂ କ୍ଷୁଦ୍ର ବ୍ୟବସାୟ ସହିତ ପରିବାରର ପ୍ରମୁଖ ରୋଜଗାର ଉତ୍ସ ହେଉଛି କୃଷି । ଏହି ଅଞ୍ଚଳରେ କୃଷି ଓ ଉଦ୍ୟାନ କୃଷି ଫସଲର ଉତ୍ପାଦନ ଧୀରେ ଧୀରେ ହ୍ରାସ ପାଉଥିବା



ପରିଲକ୍ଷିତ ହେଉଥିଲା । ଏଭଳି ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ସରକାରୀ ବିଭାଗ ତରଫରୁ ଚାଷୀଙ୍କୁ ବ୍ୟାପକ ସହାୟତା ଯୋଗାଇ ଦିଆଯାଉଥିଲା । ଏକ ସମୟରେ ଏହି ସମସ୍ୟାର ସ୍ଥାୟୀ ମୁକାବିଲା ପାଇଁ ଏକ ସୁ-ସ୍ଥାୟୀ ଆଭିମୁଖ୍ୟ ଗ୍ରହଣ କରିବା ନିମନ୍ତେ ସହମତି ପ୍ରକାଶ ପାଇଥିଲା, ଯେଉଁଥିରେ କ୍ଷୁଦ୍ର ଓ ନାମମାତ୍ର ଜମିଧାରୀମାନଙ୍କୁ କୃଷିକ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ନିୟୋଜିତ କରାଯାଇ ଚାଷ କ୍ଷେତ୍ରରେ ଉତ୍ସାହଜନକ ପରିବର୍ତ୍ତନ ଅଣାଯାଇ ପାରିଥିଲା ।

ଟଙ୍କମଣି ଓ ସୌଭାଗ୍ୟ; ଗାଁର ଦୁଇ ଜଣ ଆଦିବାସୀ ସମ୍ପ୍ରଦାୟର ଚାଷୀ ଏବଂ ସେମାନଙ୍କର ଏକ ଛୋଟିଆ ଜମି ଅଛି । କିନ୍ତୁ କୃଷିକ୍ଷେତ୍ରରେ ନୂତନ ପଦ୍ଧତି ଗ୍ରହଣ କରିବା ପାଇଁ ସେମାନଙ୍କର ସମର୍ପଣ ସର୍ବଦା ଉଦାହରଣ ଯୋଗ୍ୟ ହୋଇ ରହିବ । କ୍ଷୁଦ୍ର ଜମି, ଜଳସେଚନ ସୁବିଧାର ଅଭାବ, ଅତ୍ୟଧିକ ଚାଷ ଉପକରଣ ଖର୍ଚ୍ଚ ଏବଂ ଅସ୍ଥିର ବଜାର ମୂଲ୍ୟ କାରଣରୁ ସେମାନଙ୍କ ଅତୀତ ନିରାଶାରେ ଭରି ରହିଥିଲା । ତେବେ ସେମାନଙ୍କ ନିରନ୍ତର ପ୍ରଚେଷ୍ଟା ଯୋଗୁଁ ସେମାନଙ୍କ ଆୟ ଓ ଜୀବନଧାରଣରେ ସ୍ଥାୟୀ ପରିବର୍ତ୍ତନ ଆସି ପାରିଛି ।

ଟଙ୍କମଣି ଓ ସୌଭାଗ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଓ ଉଦ୍ୟାନ କୃଷି ବିଭାଗର ସଂସ୍ପର୍ଶରେ ଆସି ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ସହାୟତାରେ ତରଭୁଜ ଚାଷ ପାଇଁ ସହାୟତା ପାଇଥିଲେ । ସେମାନେ ନିଜର ଛୋଟ ଜମିରେ ତରଭୁଜ ଚାଷ ଆରମ୍ଭ କରିଥିଲେ । ସେମାନେ ଜୈବିକ ସାର ଏବଂ କୀଟନାଶକ ପ୍ରସ୍ତୁତ କରି ଫସଲରେ ପ୍ରୟୋଗ କରିଥିଲେ । ଉଦ୍ୟାନ କୃଷି ବିଭାଗର ସ୍ଥାନୀୟ କ୍ଷେତ୍ର କର୍ମଚାରୀଙ୍କ ପରାମର୍ଶକ୍ରମେ ସେମାନେ ଉନ୍ନତ ଫସଲ ପରିଚାଳନା ପଦ୍ଧତି ଅବଲମ୍ବନ କରିଥିଲେ । ଫସଲକୁ ଜଳସେଚନ କରିବା ଏବଂ ଜଳ ଅଭାବରୁ ରକ୍ଷା କରିବା ପାଇଁ ଆମ ଜଙ୍ଗଲ ଯୋଜନା ଏବଂ ଆଇଟିଡିଏ ତରଫରୁ ସେମାନଙ୍କୁ କ୍ଷୁଦ୍ର ଜଳ ସଂରକ୍ଷଣ ପ୍ରକଳ୍ପ ଏବଂ ଏକ ପ୍ୟାଡେଲ ଚାଳିତ ପମ୍ପ ସହାୟତା ଦିଆଯାଇଥିଲା । ଅଭିନବ କୃଷି କୌଶଳ, ଉପଯୁକ୍ତ ଜଳସେଚନ ବ୍ୟବସ୍ଥା ଏବଂ ସୁଲଭ ନିବେଶ ଖର୍ଚ୍ଚ ଯୋଗୁଁ ସେମାନେ ସନ୍ତୋଷଜନକ ଉତ୍ପାଦନ ପାଇ ପାରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଏବଂ ଆମ ଜଙ୍ଗଲ ଯୋଜନା ଦଳ ସେମାନଙ୍କ ଉତ୍ପାଦକୁ ଲାଭଦାୟକ ଦରରେ ବିକ୍ରି କରିବାର ସୁଯୋଗ ସୁନିଶ୍ଚିତ କାରାଇଥିଲେ । ଦୁହେଁ ଅଧ ଏକର ଜମିରୁ ତରଭୁଜ ବିକ୍ରି କରି ୬୦,୦୦୦/- ଟଙ୍କା ଲେଖାଏଁ ଲାଭ ପାଇଥିଲେ । ସାମାନ୍ୟ ଛୋଟିଆ ଜମି ଥାଇ ମଧ୍ୟ ସେମାନେ ସ୍ଥାନୀୟ ଅଞ୍ଚଳର ଅନ୍ୟ ଚାଷୀ ମାନଙ୍କ ପାଇଁ ପଥପ୍ରଦର୍ଶକ ହୋଇ ପାରିଛନ୍ତି । ବର୍ତ୍ତମାନ ସେମାନେ ଦୀର୍ଘକାଳୀନ ଭିତ୍ତିରେ ନିଜର ଜୀବିକାକୁ ସୁରକ୍ଷିତ କରିବାରେ ସକ୍ଷମ ହୋଇ ପାରିଛନ୍ତି ।

ଟଙ୍କମଣି ଏବଂ ସୌଭାଗ୍ୟଙ୍କ ସଫଳତା ଦର୍ଶାଉଛି ଯେ ଅଭିନବ ଏବଂ ସୁ-ସ୍ଥାୟୀ କୌଶଳ ଗ୍ରହଣ କରିବା ଏବଂ ପରିସ୍ଥିତି ସହିତ ଖାପ ଖୋଇ ଚାଲିବା ହେଉଛି ସମସ୍ତ ସଫଳତାର ଚାବିକାଠି। ଟଙ୍କମଣି ଓ ସୌଭାଗ୍ୟ କେବଳ ଯେ ସେମାନଙ୍କର ଜମିର ଉତ୍ପାଦକତା ବୃଦ୍ଧି କରିନାହାନ୍ତି, ବରଂ ସେମାନଙ୍କ ପରିବାର ପାଇଁ ଦୀର୍ଘମିଆଦୀ ଖାଦ୍ୟ ନିରାପତ୍ତା ଏବଂ ଅର୍ଥନୈତିକ ସ୍ଥିରତା ମଧ୍ୟ ସୁନିଶ୍ଚିତ କରିଛନ୍ତି। ଏହି ଅଭିନବ ପ୍ରୟାସ ପାଇଁ ଉଭୟଙ୍କୁ ଜିଲ୍ଲା ଓ ରାଜ୍ୟର ଜଣେ ଜଣେ ପ୍ରମୁଖ ଚାଷୀ ଭାବରେ ବିବେଚନା କରାଯାଇପାରିବ।

କାହାଣୀ-୫

## ଆଶାର ଡେଣା: ଗ୍ରାମୀଣ କୁକୁଡ଼ା ଚାଷ ଉପରେ ଏକ ସଫଳ କାହାଣୀ

(ଜୟପୁର ବନଖଣ୍ଡ ଅନ୍ତର୍ଗତ କୋଟପାଡ ବ୍ଲକର ଘଟରାଲ୍ଲି ଗାଁ ର ସଫଳ କାହାଣୀ)

କୁକୁଡ଼ା ଚାଷ ରାଜ୍ୟର ଅନେକ ଅଞ୍ଚଳରେ ଏକ ଲୋକପ୍ରିୟ ଗ୍ରାମୀଣ ଉଦ୍ୟୋଗ ଭାବରେ ପରିଗଣିତ ହୋଇପାରିଛି, ଯାହା ବର୍ତ୍ତମାନ ରୋଜଗାର ସୃଷ୍ଟି, ଖାଦ୍ୟ ନିରାପତ୍ତା ଏବଂ ଅର୍ଥନୈତିକ ସଶକ୍ତୀକରଣର ଏକ ସୁ-ସ୍ଥାୟୀ ମାଧ୍ୟମ ଭାବରେ ଉଭା ହେଇଛି। ସ୍ୱଳ୍ପ ସମ୍ବଳ କିମ୍ବା ଜଳବାୟୁ ପ୍ରତିବନ୍ଧକ କାରଣରୁ ଯେଉଁଠାରେ କୃଷି ସର୍ବଦା ଆହ୍ୱାନର ସମ୍ମୁଖୀନ ହୋଇଥାଏ, ସେହି ଅଞ୍ଚଳରେ କୁକୁଡ଼ା ଚାଷ ଏକ ଲାଭଜନକ ବୃତ୍ତି, ଯେଉଁଥିରେ ସ୍ୱଳ୍ପ ନିବେଶ ଏବଂ ସର୍ବନିମ୍ନ ଭିତ୍ତିଭୂମିର ଆବଶ୍ୟକତା ପଡିଥାଏ। ଗ୍ରାମୀଣ ପରିବାର ଏବଂ କ୍ଷୁଦ୍ର ଚାଷୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ସହିତ ଏହି କାହାଣୀରେ ଗ୍ରାମୀଣ ଅର୍ଥନୀତିରେ କୁକୁଡ଼ା ଚାଷର ଭୂମିକା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। କୁକୁଡ଼ା ଚାଷ କିପରି ଗ୍ରାମୀଣ ଜୀବିକା ପାଇଁ ଏକ ଲାଭଦାୟକ ଉପାଦାନ ଭାବରେ ଗ୍ରହଣ କରାଯାଇ ପାରିବ, ଯାହା ଉଭୟ ପୁଷ୍ଟି ସାଧନ ଏବଂ ଆର୍ଥିକ କଲ୍ୟାଣରେ ଯୋଗଦାନ କରିପାରିବ, ତାହା ଏହି ଦର୍ପଣ ମାଧ୍ୟମରେ ପ୍ରଦର୍ଶିତ ହୋଇଅଛି।

ଘଟରାଲ୍ଲି ଏକ ଆଦିବାସୀ ଗ୍ରାମ ଯେଉଁଠାରେ ମୋଟ ୨୨୬ ଟି ପରିବାର ବସବାସ କରନ୍ତି, ତନ୍ମଧ୍ୟରୁ ଆଦିବାସୀ ଏବଂ ଅନୁସୂଚିତ ଜାତିର ଜନସଂଖ୍ୟା ସର୍ବାଧିକ। ଗ୍ରାମର ସମସ୍ତେ ସେମାନଙ୍କ ଜୀବିକା ପାଇଁ ମୁଖ୍ୟତଃ କୃଷି, ଦିନ ମଜୁରୀ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ। କ୍ରମଶଃ କୃଷି କ୍ଷେତ୍ରରେ ଉତ୍ପାଦକତା ହ୍ରାସ ପାଇବା ଏବଂ ଅତ୍ୟଧିକ ନିବେଶ ଖର୍ଚ୍ଚ ଯୋଗୁଁ କୃଷି ଉପରେ ଚାପ ବଢି ବଢି ଚାଲିଛି। ଅଧିକାଂଶ ପରିବାର













ସେମାନଙ୍କର କୃଷି ପରିସରକୁ ହ୍ରାସ କରି ଅନ୍ୟାନ୍ୟ ବିକଳ୍ପକୁ ବାଛିବାକୁ ବାଧ୍ୟ ହେଉଛନ୍ତି। ଦୈନିକ ମଜୁରୀ, ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଏବଂ ବିପଣନ ଓ ପଶୁସମ୍ପଦ ପାଳନ ଗ୍ରାମର ପରିବାର ଗୁଡ଼ିକର ଜୀବିକାକୁ ସୁରକ୍ଷିତ ରଖିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜଙ୍ଗଲ ସମ୍ପଦର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ସହିତ ଏକ ବନ

ସୁରକ୍ଷା ସମିତି ଗଠନ କରି ଗ୍ରାମବାସୀମାନେ ଆମ ଜଙ୍ଗଲ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଉପଯୁକ୍ତ ଜଙ୍ଗଲ ପରିଚାଳନା କୌଶଳ, ଅନ୍ତଃ-ପରିଚାଳନା କାର୍ଯ୍ୟ ଏବଂ ଜଙ୍ଗଲ ଭିକ ବିକଳ୍ପ ଜୀବିକା ଯୋଗୁଁ ଗ୍ରାମବାସୀମାନେ ବିଭିନ୍ନ ଉପାୟରେ ଉପକୃତ ହେଉଥିଲେ। ଏହି କାହାଣୀରେ ଏହା ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି।

ଗ୍ରାମରେ ଅଣୁ ଯୋଜନା ପ୍ରସ୍ତୁତି ସମୟରେ ବନ ସୁରକ୍ଷା ସମିତି ଜାଣିବାକୁ ପାଇଥିଲେ ଯେ, କୁକୁଡ଼ା ପାଳନ ଗ୍ରାମର ଭୂମିହୀନ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ପରିବାରର ଆୟ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବ। ଗ୍ରାମର ଗୋଷ୍ଠୀ ସମୁଦାୟ, ବିଶେଷକରି ମହିଳାମାନଙ୍କର ଘର ଅଗଣାରେ କୁକୁଡ଼ା ଚାଷ ପରିଚାଳନାର ପୂର୍ବ ଦକ୍ଷତା ରହିଥିଲା ଏବଂ ଭଲ ବଜାର ସୁଯୋଗ ମଧ୍ୟ ଥିଲା। ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଗାଁର ପରିବାରଗୁଡ଼ିକୁ ଆନୁଷ୍ଠାନିକ ଭାବେ ଏକଜୁଟ କରାଯାଇ ପାରିଥିଲା। ମହିଳା ସଦସ୍ୟମାନେ କୁକୁଡ଼ା ପାଳନ ପାଇଁ ଆଗେଇ ଆସିଥିଲେ, ଯାହା କି ସେମାନଙ୍କ ଜୀବିକା ନିର୍ବାହରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଥିଲା। ଦେଶୀ କୁକୁଡା ପାଳନରେ ଅଭିଜ୍ଞତା ଥିବା ପରିବାରଗୁଡ଼ିକୁ ଏହି ସହାୟତାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଦଳ ମାଧ୍ୟମରେ ଉନ୍ନତ ପ୍ରଜାତି, ଟୀକାକରଣ ଏବଂ ଚିକିତ୍ସା ସହାୟତା ସହିତ ଉପଯୁକ୍ତ ପରିଚାଳନା ଏବଂ ବଜାର ସଂଯୋଗ ସୁନିଶ୍ଚିତ କରାଯାଇଥିଲା।

ଓଡ଼ିଶା ଜୀବିକା ମିଶନ ପ୍ରତ୍ୟେକ ମହିଳା କୃଷକଙ୍କୁ ୧ ଲକ୍ଷ ଟଙ୍କାର ପୁଞ୍ଜି ସହାୟତା ପ୍ରଦାନ କରିଥିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ହିତାଧିକାରୀଙ୍କୁ ଅତିରିକ୍ତ ସହାୟତା ପ୍ରଦାନ ଏବଂ ଦକ୍ଷତା ବିକାଶ କରିଥିଲେ, ଯାହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ଥିଲା। ସମସ୍ତ କୁକୁଡ଼ା ଏବେ ବଢିଲା ଅବସ୍ଥାରେ ଅଛନ୍ତି। ଆଶା କରାଯାଉଛି ଯେ, ଆସନ୍ତା ୩ ମାସ ମଧ୍ୟରେ ପ୍ରତ୍ୟେକ ପରିବାର ଅଣ୍ଡା ବିକ୍ରି କରି ମାସକୁ ହାରାହାରି ୧୦,୦୦୦/- ଟଙ୍କା ଅତିରିକ୍ତ ଆୟ କରିପାରିବେ। ଏହା ମଧ୍ୟ ଆଶା କରାଯାଉଛି ଯେ, ଗ୍ରାମର ପରିବାର ଗୁଡ଼ିକର ଦକ୍ଷତା ଏବଂ କୌଶଳ ଭିତ୍ତିକ କାର୍ଯ୍ୟକ୍ରମ ସେମାନଙ୍କର ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଏକ ସୁ-ସ୍ଥାୟୀ ଆୟ ସୁନିଶ୍ଚିତ କରିବ ଏବଂ ସେମାନଙ୍କ ଡେଣାକୁ ସଶକ୍ତ କରିବ।

## ଜଙ୍ଗଲ ନିଆଁ ନିବାରଣ ଓ ନିୟନ୍ତ୍ରଣ ପାଇଁ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ

ବନାଗ୍ନି ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ଆମ ଜଙ୍ଗଲ ଯୋଜନାର ଅନ୍ୟତମ ପ୍ରମୁଖ ଉଦ୍ଦେଶ୍ୟ। ଜଙ୍ଗଲରେ ନିଆଁ ଲାଗିବା ଘଟଣା କେବଳ ଯେ ଜଙ୍ଗଲ ସମ୍ପଦ ଓ ପରିବେଶକୁ ପ୍ରଭାବିତ କରେ ନାହିଁ, ବରଂ ଜଙ୍ଗଲ ନିକଟରେ ବସବାସ କରୁଥିବା ସମ୍ପ୍ରଦାୟର ଅନେକ ଘର ମଧ୍ୟ ଅଗ୍ନିକାଣ୍ଡ ଯୋଗୁଁ କ୍ଷତିଗ୍ରସ୍ତ ହେଉଥିବା ସୂଚନା ମିଳିଛି। ଦୀର୍ଘ ଦିନ ଧରି ଶୁଖିଲା ପାଗ ଏବଂ ଗ୍ରୀଷ୍ମକାଳୀନ ବର୍ଷା ଅଭାବ ଫଳରେ ଚଳିତ ତ୍ରୈମାସରେ ବନାଗ୍ନିର ପ୍ରକୋପ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଇଛି। ତେବେ ବନାଗ୍ନି ନିୟନ୍ତ୍ରଣ ପ୍ରସ୍ତୁତିରେ ଗୋଷ୍ଠୀ ଭିତ୍ତିକ ଆଭିମୁଖ୍ୟ, ଅଗ୍ନି ନିରୀକ୍ଷଣ ପାଇଁ ଆନ୍ତଃକ୍ଷେତ୍ରୀୟ ସମନ୍ୱୟ ଏବଂ ବନାଗ୍ନି ପ୍ରଶମନ ପାଇଁ ତତ୍କାଳ କାର୍ମିକ ଦଳ (କ୍ୱିକ୍ ଆକ୍ସନ ଟିମ୍) ନିୟୋଜିତ ହେବା ଫଳରେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନ ସୁରକ୍ଷା ସମିତି ଅଧୀନରେ ଥିବା ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ଅଗ୍ନିକାଣ୍ଡ ଜନିତ ବିପଦକୁ ବହୁ ପରିମାଣରେ ହ୍ରାସ କରିବା ସମ୍ଭବ ହୋଇପାରିଛି। ଉପଗ୍ରହ ଭିତ୍ତିକ ମୋବାଇଲ ଆଲର୍ଟ ସିଷ୍ଟମ୍ ଏବଂ ଗୋଷ୍ଠୀ ଭିତ୍ତିକ ଅଗ୍ନି ପ୍ରଶମନ ଦଳର ପ୍ରଚେଷ୍ଟା ବନାଗ୍ନିର ପ୍ରାରମ୍ଭିକ ଚିହ୍ନଟ ଏବଂ ନିୟନ୍ତ୍ରଣରେ ବହୁତ ସହାୟତା କରିଛି। ଫଳରେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ସଦସ୍ୟଙ୍କ ସକ୍ରିୟ ହସ୍ତକ୍ଷେପ ଦ୍ୱାରା ପ୍ରାୟ ସବୁ ପ୍ରକାର ବନାଗ୍ନି ଏବଂ ସମ୍ବଳ ହାନିକୁ ସଫଳତାର ସହିତ ନିୟନ୍ତ୍ରଣ କରାଯାଇପାରିଛି।

ବନାଗ୍ନି ପରିଚାଳନାରେ ଠିକ୍ ସମୟରେ ଅଗ୍ନି ନିୟନ୍ତ୍ରଣ/ନିରାପତ୍ତା ରେଖା ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ, ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ପ୍ରତ୍ୟେକ ବନ ସୁରକ୍ଷା ସମିତିକୁ ଦିଆଯାଇଥିବା ଜଙ୍ଗଲ ଅଞ୍ଚଳରେ ଅଗ୍ନି ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରିବା ଅନ୍ତର୍ଭୁକ୍ତ। ବନ ସୁରକ୍ଷା ସମିତି ସଦସ୍ୟ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ବିଭାଗ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟ ସମ୍ପାଦନ କରାଯାଉଛି। ଗୋଷ୍ଠୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବୈଠକ ମାଧ୍ୟମରେ ସଚେତନତା ସୃଷ୍ଟି, ସଚେତନତା ରାଲି ଓ ପଥପ୍ରାନ୍ତ ନାଟକ ଆୟୋଜନ, ଜଙ୍ଗଲ ନିଆଁ ନିବାରଣ ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ ବୈଠକ, ଅଗ୍ନି ପର୍ଯ୍ୟବେକ୍ଷକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟୋଜିତ କରିବା ଏବଂ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଅଧୀନସ୍ଥ ପ୍ରକଳ୍ପଗୁଡ଼ିକରେ ନିୟୋଜିତ ଅଗ୍ନି ପ୍ରଶମନ ଦଳ ଦ୍ୱାରା ତ୍ୱରିତ ପଦକ୍ଷେପ ଫଳରେ ବନ ସୁରକ୍ଷା ସମିତିକୁ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ବନାଗ୍ନିକୁ ସଫଳ ଭାବେ ନିୟନ୍ତ୍ରଣ କରାଯାଇ ପାରିଛି। ଚଳିତ ବର୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଅଗ୍ନିରେଖା ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି, ଯାହା ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ଦୃଷ୍ଟାନ୍ତମୂଳକ ଫଳାଫଳ ପ୍ରଦାନ କରିଛି। ଏତଦ୍ ବ୍ୟତୀତ ସକ୍ରିୟ ବନ ସୁରକ୍ଷା ସମିତି ସଦସ୍ୟ ଏବଂ ଉତ୍ତରଦାୟୀ ପ୍ରକଳ୍ପ ଦଳର ଦାୟିତ୍ୱବାନ ପ୍ରୟାସ ଦ୍ୱାରା ଚଳିତ ବର୍ଷ ଲଗାତାର ଶୁଖିଲା ପାଗ ଏବଂ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ବନାଗ୍ନି ପରିଚାଳନା କାର୍ଯ୍ୟକୁ ସଂପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇପାରିଛି। ଫଳତଃ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଅନ୍ତର୍ଗତ ଜଙ୍ଗଲ ଅଞ୍ଚଳରେ କୌଣସି ବଡ଼ ଧରଣର ଅଗ୍ନିକାଣ୍ଡ ଘଟଣା ଦେଖିବାକୁ ମିଳିନାହିଁ ଏବଂ ବନାଗ୍ନିକୁ ଉପଯୁକ୍ତ ସମୟରେ ପରିଚାଳନା କରି ବହୁ ସମ୍ବଳ ସଞ୍ଚୟ କରାଯାଇ ପାରିଛି।

ଏତଦ୍ ବ୍ୟତୀତ ଜଙ୍ଗଲ ସୁରକ୍ଷା ଓ ପୁନର୍ଜନନ ନିମନ୍ତେ ସାଧାରଣ ଜନତା, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ଅଭିନବ କୌଶଳ ଓ ପଦକ୍ଷେପ ଗ୍ରହଣ କରାଯାଇଛି।




ବଲାଙ୍ଗୀର ବନଖଣ୍ଡ ଅନ୍ତର୍ଗତ ଛିଟକେଲିଜୋର ବନ ସୁରକ୍ଷା ସମିତିରେ ଜଙ୍ଗଲ ନିଆଁକୁ ସୁରକ୍ଷା ଦେବା ପାଇଁ ଦଳ ପ୍ରସ୍ତୁତି




ବଲାଙ୍ଗୀର ବନଖଣ୍ଡ ଅନ୍ତର୍ଗତ ଛିଟକେଲିଜୋର ବନ ସୁରକ୍ଷା ସମିତିରେ ଜଙ୍ଗଲ ନିଆଁକୁ ସୁରକ୍ଷା ଦେବା ପାଇଁ ଶପଥ ଗ୍ରହଣ




କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧୀନ ପୋଡାଖୋଲ ବନ ସୁରକ୍ଷା ସମିତିରେ ବନାଗ୍ନି ନିବାରଣ ସଚେତନତା ଉପରେ ପଥପ୍ରାନ୍ତ ନାଟକ




କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧୀନ ପୋଡାଖୋଲ ବନ ସୁରକ୍ଷା ସମିତିରେ ବନାଗ୍ନି ନିବାରଣ ସଚେତନତା ଉପରେ ପଥପ୍ରାନ୍ତ ନାଟକ




କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ଉଲୀବସା ବନ ସୁରକ୍ଷା ସମିତିରେ ବନାଗ୍ନି ନିବାରଣ ଶପଥ ଗ୍ରହଣ




ବଲାଙ୍ଗୀର ବନଖଣ୍ଡର ପରସୁକୁନା ବନ ସୁରକ୍ଷା ସମିତିରେ ଜଙ୍ଗଲ ସୁରକ୍ଷା ସଚେତନତା ପାଇଁ ରକ୍ଷାବନ୍ଧନ




ରାଉରକେଲା ବନଖଣ୍ଡରେ ବନାଗ୍ନି ନିୟନ୍ତ୍ରଣ ପାଇଁ ରୁଖାତୋଲା ବନ ସୁରକ୍ଷା ସମିତିରେ ଅଗ୍ନିରେଖା ସୃଷ୍ଟି




ନବରଙ୍ଗପୁର ବନଖଣ୍ଡ ଦେଓଡଙ୍ଗରୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ବନାଗ୍ନି ନିୟନ୍ତ୍ରଣ କାର୍ଯ୍ୟ




ଜୟପୁର ବନଖଣ୍ଡର ମାଲିକୋର୍ଚି ସଂରକ୍ଷିତ ଜଙ୍ଗଲରେ ବନାଗ୍ନି ନିୟନ୍ତ୍ରଣ




ବଲାଙ୍ଗୀର ବନଖଣ୍ଡ ଅନ୍ତର୍ଗତ ଆମ ଜଙ୍ଗଲ ଯୋଜନାର ବନ ସୁରକ୍ଷା ସମିତିରେ ବନାଗ୍ନି ନିୟନ୍ତ୍ରଣ

**ସମ୍ପାଦନା ମଣ୍ଡଳୀ**

ମୂଖ୍ୟ ସମ୍ପାଦକ: ଡ଼ଃ ମୀତା ବିଶ୍ୱାଳ, ଭାରତୀୟ ବନ ସେବା
ପ୍ରଧାନ ମୂଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଓ ପ୍ରକଳ୍ପ ନିର୍ଦ୍ଦେଶିକା
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି, ଭୁବନେଶ୍ୱର

ସମ୍ପାଦକ: ଶ୍ରୀ ବିଜୟ ରାମ ସେନାପତି
ବିଷୟବସ୍ତୁ ବିଶେଷଜ୍ଞ (ତାଲିମ ଓ ପ୍ରସାର), ଆମ ଜଙ୍ଗଲ ଯୋଜନା

ଯୋଗାଯୋଗ: **ଆମ ଜଙ୍ଗଲ ଯୋଜନା**
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
SFTRI ପରିସର, ଘାଟିକିଆ, ଭୁବନେଶ୍ୱର
ଦୂରଭାଷ: ୦୬୭୪-୨୩୮୬୦୮୪, ୨୩୮୬୦୧୬
ଇ-ମେଲ୍: webmail@ofsdp.org

*design and print: thirdeyecoindia@gmail.com*